# ପାଦ

ପାଦଟି ଫସିଗଲା
ଥୋଉ ଥୋଉ
ଭୁଲ ରାସ୍ତାରେ ପଡିଗଲା
ଜଙ୍ଗଲି ବାଟର
କଣ୍ଟାକୁ ଓଢଣା
ଦେଉ ଦେଉ
ସାପ ହାବୁଡରେ ପଡିଲା ।।୧

ସାପଟା ଆଗରୁ
କେବେ
ଫଣା ଟେକୁ ନ ଥିଲା
ଯାହା ପାଦଟି ଭଳି
ପାଦଟିଏ ନୁରୁ ଥିଲା ।।୨

ଫଣା ଦେଖିଲେ
ପାଦ ବି ହସୁଥିଲା
ରସୁଥିଲା
କୁତ କୁତେଇ ହୋଇ
କଥା କହୁଥିଲା ।।୩

କିନ୍ତୁ
ଫଣା ତଳର ବିଷ କଥା
ଜାଣି ନ ଥିଲା
ଆଉ ଯେତେବେଳେ
ପାଦଟା ଜାଣିଲା
ପାଦଟା ଫସି ହିଁ
ସାରିଥିଲା ।।୪
..........................

କୁଆଡେ

ପାଦଟା ଜାଣିଶୁଣି ଫସିଥିଲା ॥୫

ଦିଗମ୍ବର ପାତ୍ର